# Visit of External Affairs Minister of India to Qatar (December 27-28, 2020)

December 28, 2020

## ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ କତାର ଗସ୍ତ (27-28 ଡିସେମ୍ବର 2020)

**ଡିସେମ୍ବର 28, 2020**

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର 27-28 ଡିସେମ୍ବର 2020 ରେ ଦୁଇ ଦିନିଆ କତାର ଗସ୍ତରେ ଯାଇଛନ୍ତି। ଏହି ଗସ୍ତ କାଳରେ ସେ କତାରର ମହାମହିମ ଆମିର ଓ ପିତା ଆମିର ଏବଂ ପ୍ରଧାନମନ୍ତ୍ରୀ ତଥା ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀଙ୍କୁ ଭେଟିଥିଲେ ଏବଂ ଉପମୁଖ୍ୟମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ।

ଡକ୍ଟର ଏସ୍ ଜୟଶଙ୍କର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟକ୍ତିଗତ ବାର୍ତ୍ତାରେ ମହାମହିମ ଆମିର ଶେଖ ତମିମ ବିନ ହମାଦ ଅଲ ଥାନିଙ୍କୁ ଭାରତ ଗସ୍ତରେ କରିବାକୁ ଆମନ୍ତ୍ରଣ କରିଛନ୍ତି ଏବଂ କୋଭିଡ-19 ମହାମାରୀ ସମୟରେ ଭାରତୀୟ ସମୁଦାୟର ଲୋକଙ୍କର ଯତ୍ନ ନେଇଥିବାରୁ କତାର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆମିର ଭାରତ ଗସ୍ତ ପାଇଁ ଆମନ୍ତ୍ରଣକୁ ସ୍ୱୀକାର କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ସହ ତାଙ୍କର ଟେଲିଫୋନ ବାର୍ତ୍ତାଳାପକୁ ମଧ୍ୟ ସେ ମନେ ପକାଇଥିଲେ ଯେଉଁଥିରେ ଉଭୟ ନେତା ପୁଞ୍ଜି ବିନିଯୋଗ ଏବଂ ଶକ୍ତି ଉପରେ ଟାସ୍କ ଫୋର୍ସ ଗଠନ କରିବାକୁ ନିଷ୍ପତ୍ତି ନେଇଥିଲେ। ଉଭୟ ପକ୍ଷ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପ୍ରକ୍ରିୟାରେ ଅଛନ୍ତି।

ମହାମହିମ ପିତା ଆମିର ଶେଖ ହମାଦ ବିନ୍ ଖଲିଫା ଅଲ ଥାନି କତାରରେ ଭାରତୀୟ ସମୁଦାୟର ଅବଦାନକୁ ପ୍ରଶଂସା କରିଥିଲେ ଏବଂ ନିଜର ଭାରତ ଗସ୍ତକୁ ମନେ ପକାଇଥିଲେ। ଭାରତ-କତାର ସମ୍ପର୍କ ଉପରେ ନିରନ୍ତର ମାର୍ଗଦର୍ଶନ ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅନ୍ତର୍ଜାତୀୟ ତଥା ଆଞ୍ଚଳିକ ପ୍ରସଙ୍ଗ ଉପରେ ତାଙ୍କର ଜ୍ଞାନ ପାଇଁ ସେ ପିତା ଆମିରଙ୍କର ମଧ୍ୟ ପ୍ରଶଂସା କରିଥିଲେ।

ପ୍ରଧାନମନ୍ତ୍ରୀ ଓ ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ମହାମହିମ ଶେଖ ଖାଲିଦ ବିନ୍ ଖଲିଫା ବିନ୍ ଅବଦୁଲାଜିଜ୍ ଅଲ୍ ଥାନି ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରୀ ଦ୍ୱିପାକ୍ଷିକ ଅର୍ଥନୈତିକ ଏବଂ ସୁରକ୍ଷା ସହଯୋଗକୁ ମଜବୁତ କରିବା ଉପରେ ଆଲୋଚନା କରିଥିଲେ।

ଦ୍ୱିପାକ୍ଷିକ ତଥା ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଉପପ୍ରଧାନମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀ ଶେଖ ମହମ୍ମଦ ବିନ୍ ଅବଦୁଲରହମାନ ବିନ୍ ଜସିମ ଅଲ ଥାନିଙ୍କ ସହ ଆଲୋଚନା କରିଥିଲେ। ଶକ୍ତି, ବାଣିଜ୍ୟ, ପୁଞ୍ଜି ବିନିଯୋଗ, ଖାଦ୍ୟ ପ୍ରକ୍ରିୟାକରଣ, ସ୍ୱାସ୍ଥ୍ୟସେବା, ଶିକ୍ଷା, ସଂସ୍କୃତି, ପ୍ରତିରକ୍ଷା ଏବଂ ସୁରକ୍ଷା ଭଳି କ୍ଷେତ୍ରରେ ବହୁମୁଖୀ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବାର ଉପାୟ ଉପରେ ଉଭୟ ମନ୍ତ୍ରୀ ଆଲୋଚନା କରିଥିଲେ। ବହୁପକ୍ଷୀୟ ମଞ୍ଚରେ ପାରସ୍ପରିକ ଆଗ୍ରହର ସମସ୍ତ ପ୍ରସଙ୍ଗରେ ନିୟମିତ ବିଚାର ବିମର୍ଷ ଏବଂ ସମନ୍ୱୟ ରକ୍ଷା କରିବାକୁ ସେମାନେ ରାଜି ହୋଇଥିଲେ। 2021 ରେ ମିଳିତ ଆୟୋଗର ପ୍ରଥମ ବୈଠକ ପାଇଁ ଭାରତ ଗସ୍ତରେ ଆସିବା ପାଇଁ ଉପପ୍ରଧାନମନ୍ତ୍ରୀ ତଥା କତାରର ବୈଦେଶିକ ମନ୍ତ୍ରୀଙ୍କୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଆମନ୍ତ୍ରଣ କରିଥିଲେ।

କତାର ବାଣିଜ୍ୟ ଓ ଶିଳ୍ପ ସଂଘର ସଭାପତି ତଥା ବୋର୍ଡ ସଦସ୍ୟ ଏବଂ କତାର ବ୍ୟବସାୟୀ ସଂଘର ସଦସ୍ୟଙ୍କ ସମେତ କତାରର ବ୍ୟବସାୟିକ ନେତୃବୃନ୍ଦଙ୍କ ସହ ବୈଦେଶିକ ବ୍ୟାପାର ମନ୍ତ୍ରୀ ବାର୍ତ୍ତାଳାପ କରିଥିଲେ। ଭାରତ ସହିତ ବ୍ୟବସାୟିକ ସହଭାଗୀତା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ସେମାନଙ୍କର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ ଏବଂ ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ଜରିଆରେ ସୃଷ୍ଟି ହେଉଥିବା ନୂତନ ସୁଯୋଗ ବିଷୟରେ ସେମାନଙ୍କୁ ସୂଚନା ଦେଇଥିଲେ।

କତାରରେ ଭାରତୀୟ ସମୁଦାୟର ଲୋକଙ୍କ ସହିତ ବୈଦେଶିକ ବ୍ୟାପାର ମନ୍ତ୍ରୀ ଭର୍ଚୁଆଲ୍ ଉପାୟରେ ବାର୍ତ୍ତାଳାପ କରିଥିଲେ। କୋଭିଡ-19 ମହାମାରୀର ସମ୍ମୁଖୀନ ହେବାରେ ଭାରତୀୟ ସମୁଦାୟର ଅବଦାନକୁ ସେ ପ୍ରଶଂସା କରିଥିଲେ। ବୈଦେଶିକ ବ୍ୟାପାର ମନ୍ତ୍ରୀ ଅହମଦ୍ ବିନ୍ ଅଲି ଫିଫା ଷ୍ଟାଡିୟମ ପରିଦର୍ଶନ କରିଥିଲେ ଯାହାକୁ ଭାରତୀୟ କମ୍ପାନୀ ଏଲଆଣ୍ଡଟି ଓ କତାରର ଅଲ ବାଲାଗ ଗ୍ରୁପ୍ ମିଳିତ ଭାବେ ନିର୍ମାଣ କରିଛନ୍ତି। ସେ କତାର ଜାତୀୟ ସଂଗ୍ରହାଳୟ ମଧ୍ୟ ପରିଦର୍ଶନ କରିଥିଲେ।

**ଦୋହା**

**ଡିସେମ୍ବର 28, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.